ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. ORIORI/2011/36305 Postal Regd. No. BN/42/18-20. ରାୟଗଡ଼ା, ବୁଧବାର, ନଭେମ୍ବର ୨୧/୨୦୧୮ Rayagada, Wednesday, November 21 / 2018

## ସଂକ୍ଷେପରେ

### ୫ ବର୍ଷରେ ୧୬୭ ଗୋ ଚାଲାଣ ରୋକାଯାଇଛି

ଜୟପୁର, ୨୦।୧୧ (ନି. ପ୍ର.) : ୨୦୧୨ ମସିହାରେ ରାଜ୍ୟରେ ହୋଇଥିବା ୧୯ତମ ପ୍ରାଣୀ ଗଣନା ଅନୁଯାୟୀ ଦେଶୀ ପ୍ରଜାତି ଗୋ ସମ୍ପଦ ସଂଖ୍ୟା ହ୍ରାସ ପାଇଛି । ରାଜ୍ୟରେ କ୍ରମାଗତ ଭାବେ ଗୋ ଚାଲାଣ ବୃଦ୍ଧି ପାଇଛି । ଏହାକୁ ରୋକିବା ପାଇଁ ଆଇନ୍ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନେବା ସହିତ ବ୍ୟାପକ ଜନସଚେତନତା ଗ୍ରହଣ କରାଯାଉଅଛି । ପୋଲିସ୍ ବିଭାଗ ତରଫରୁ ପ୍ରତି ଜିଲାର ଆରକ୍ଷୀ ଅଧିକ୍ଷକମାନଙ୍କୁ ବେଆଇନ୍ ଗୋଚାଲାଣ ରୋକିବା ନିମନ୍ତେ ଷ୍ଟାଣ୍ଡାର୍ଡ ଅପରେସନ୍ ପ୍ରୋସିଡ୍ୟୁର ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଆଦେଶ ଦିଆଯାଇଛି । ଗତ ୫ ବର୍ଷ ମଧ୍ୟରେ ୧୬୭ ଗୋ ଚାଲାଣ ଘଟଣା ନଜରକୁ ଆସିଛି ଏବଂ ୧୧୫୫ ଟି ଗାଈଗୋରୁଙ୍କୁ ଉଦ୍ଧାର କରାଯାଇଛି ବୋଲି କଂଗ୍ରେସ ବିଧାୟକ ତାରା ପ୍ରସାଦ ବାହିନୀପତିଙ୍କ ପ୍ରଶ୍ନର ଉତ୍ତରରେ ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ ମନ୍ତ୍ରୀ ପ୍ରଦୀପ ମହାରଥୀ ପ୍ରକାଶ କରିଛନ୍ତି।

### କୋରାପୁଟ ଜିଲାରେ ହେବ ୧୩ ନୂତନ ଗ୍ରାମ୍ୟ ଉନ୍ନୟନ ରାସ୍ତା

ଜୟପୁର , ୨୦।୧୧(ନି.ପ୍ର.) : କୋରାପୁଟ ଜିଲାରେ ଚଳିତ ଆର୍ଥିକ ବର୍ଷ (୨୦୧୮-୧୯)ରେ ଗ୍ରାମ୍ୟ ଉନ୍ନୟନ ବିଭାଗକୁ ୧୩ଟି ନୂତନ ପଞ୍ଚାୟତ ରାସ୍ତା ହସ୍ତାନ୍ତର ହେବା ପାଇଁ ଗ୍ରାମ୍ୟ ଉନ୍ନୟନ ବିଭାଗର ବିଜ୍ଞପ୍ତି ପ୍ରକାଶ ପାଇଛି । ସେଥିମଧ୍ୟରୁ ୫ଟି ରାସ୍ତା ବିଧିବଦ୍ଧଭାବେ ଗ୍ରାମ୍ୟ ଉନ୍ନୟନ ବିଭାଗ ଗ୍ରହଣ କରିଛି। ଅବଶିଷ୍ଟ ୮ଟି ରାସ୍ତା ବର୍ତ୍ତମାନ ସୁଦ୍ଧା ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ, ଗ୍ରାମ୍ୟ ଉନ୍ନୟନ ବିଭାଗକୁ ହସ୍ତାନ୍ତର କରିନାହିଁ । ୪ଟି ରାସ୍ତା ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନା-୨ରେ ଉନ୍ନତିକରଣ ପାଇଁ ବିସ୍ତୃତ ଉନ୍ନତିକରଣ ଅଗ୍ରାଧିକାର ତାଲିକାରେ ସ୍ଥାନ ପାଇଛି ।

### ମାଓବାଦୀ ପୋଷ୍ଟର

କୋରାପୁଟ/ଅନକାଡେଲି, ୨୦।୧୧(ସ୍ୱ.ପ୍ର) : ଲମତାପୁଟ ବ୍ଲକର ଅନକାଡେଲି ପଞ୍ଚାୟତ ହନୁମାଳ ଗ୍ରାମରେ ମାଓବାଦୀମାନେ ମଙ୍ଗଳବାର ପୋଷ୍ଟର ଓ ବ୍ୟାନରମାନ ମାରିଛନ୍ତି। ଅଣ୍ଡାପାଲ୍ଲୀ, ଚେନ୍ଦୁପାଲ୍ଲୀ ଏନକାଉଣ୍ଟର ପ୍ରତିବାଦରେଏମକେଭିବି ଡିଭିଜନ ପକ୍ଷରୁ ଡାକରା ଦିଆଯାଇଥିବା ବନ୍ଦକୁ ପାଳନ କରିବାକୁ ଏଥିରେ ଉଲ୍ଲେଖ ରହିଛି।

# ଶହୀଦ ମାଟିର ବିକାଶ ନେଇ ଦାବିପତ୍ର

ବୈପାରୀଗୁଡା, ୨୦।୧୧(ଡି.ଏନ୍.ଏ)

ଶହୀଦ ଲକ୍ଷ୍ମଣ ନାୟକଙ୍କ ଜନ୍ମମାଟି ତେନ୍ତୁଳିଗୁମ୍ମା ପଞ୍ଚାୟତ ବିକାଶ ପାଇଁ ମୁଖ୍ୟମନ୍ତ୍ରୀ ଶହେ କୋଟିର ପ୍ୟାକେଜ୍ ଘୋଷଣା କରନ୍ତୁ ବୋଲି ଦୀର୍ଘଦିନରୁ ଅଞ୍ଚଳବାସୀ ଦାବି କରି ଆସୁଛନ୍ତି। କିନ୍ତୁ ପ୍ରଶାସନ ସ୍ଥାଣୁତା ନେଇ ସ୍ଥାନୀୟ ଲୋକଙ୍କ ମନରେ ଅସନ୍ତୋଷ ପ୍ରକାଶ ପାଇଛି। ଏହି ପରିପ୍ରେକ୍ଷିରେ ଶହୀଦ ଲକ୍ଷ୍ମଣ ନାୟକ ଯୁବସେନା ପକ୍ଷରୁ ମଙ୍ଗଳବାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ୧୦ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଛି। ବିଡିଓଙ୍କ ଅନୁପସ୍ଥିତିରେ ବ୍ଲକ ଅଧ୍ୟକ୍ଷା ସରୋଜିନି କାଣ୍ଡିକି ଓ ତହସିଲଦାରଙ୍କ ଅନୁପସ୍ଥିତିରେ ମୁଖ୍ୟ କିରାଣୀଙ୍କୁ ଏହି ଦାବିପତ୍ର ଦିଆଯାଇଛି। ଦାବିପତ୍ର ପ୍ରଦାନ ବେଳେ ବୈପାରୀଗୁଡା ସରପଞ୍ଚ ଭାଗିରଥି ମୁର୍ଜିଆ, ଚନ୍ଦ୍ରପଡା ସରପଞ୍ଚ ଅଭି ନାୟକ, ରାମଗିରୀ ସରପଞ୍ଚ ଚନ୍ଦ୍ର ପାଙ୍ଗି ଓ ବ୍ଲକ ରଣା ସମାଜର ସଭାପତି ଗୁପ୍ତଚନ୍ଦ୍ର କିଚେଇ ଉପସ୍ଥିତ ଥିଲେ। ଆସନ୍ତା ୨୨ ତାରିଖରେ ଶହୀଦ ଲକ୍ଷ୍ମଣ ନାୟକଙ୍କ ଜନ୍ମ ଦିବସ ପାଳନ ହେବାକୁ ଥିବା ବେଳେ ଏଥିରେ ପ୍ରଶାସନିକ ଅଧିକାରୀ ମାନଙ୍କୁ ବିରୋଧ କରାଯିବ ବୋଲି ଯୁବ ସେନା ପକ୍ଷରୁ ଚେତାବନୀ ଦିଆଯାଇଛି। ଯୁବସେନା ପକ୍ଷରୁ ତେନ୍ତୁଳିଗୁମ୍ମା ପଞ୍ଚାୟତ ବିକାଶ ପାଇ ଲଢେଇ ଚାଲୁଥିବା ବେଳେ ଏହାକୁ ଚପାଇ ଦେବାକୁ ପ୍ରୟାସ କରାଯାଉଛି ବୋଲି କୁହାଯାଇଛି। ବିଭିନ୍ନ ଦାବି ନେଇ ଯୁବ ସମାଜ ଗତ ୧୫ ତାରିଖରେ ଜିଲା ପ୍ରଶାସନକୁ ଅବଗତ କରିବା ସହ ତୁରନ୍ତ ଏହାର ପ୍ରତିକାର କରା ନ ଗଲେ ପ୍ରଶାସନିକ ଅଧିକାରୀମାନଙ୍କୁ ଜନ୍ମ ଦିବସରେ ବିରୋଧ କରାଯିବ ବୋଲି କୁହାଯାଇଥିଲା। ତେବେ ଯୁବଗୋଷ୍ଠୀଙ୍କ ପ୍ରତିବାଦର ସ୍ୱରକୁ ଚପାଇ ଦେବାକୁ କେତେକ ଗଣମାଧ୍ୟମରେ ଖବର ପ୍ରକାଶ ପାଇଥିବାରୁ ସେମାନେ ଏହାର ପ୍ରତିବାଦ କରିଛନ୍ତି। ବିକାଶ ପାଇଁ ସ୍ୱର ଉଠାଉଥିବା ଗୋଷ୍ଠୀକୁ ଅସାମାଜିକ ଗୋଷ୍ଠୀ ଭାବେ ଚିତ୍ରଣ କରାଯାଇଥିବାରୁ ସେମାନେ ତାହାର ଦୃଢ ପ୍ରତିବାଦ କରିଥିଲେ। ସେମାନେ ସ୍ପଷ୍ଟୀକରଣରେ କହିଛନ୍ତି ଯେ, ଶହୀଦଙ୍କ ଜନ୍ମ ଦିବସ ପାଳନକୁ ନୁହେଁ ବରଂ ପ୍ରଶାସନକୁ ସେମାନେ ବିରୋଧ କରୁଛନ୍ତି। ପ୍ରଶାସନିକ ଅଧିକାରୀମାନେ କେବଳ ଉକ୍ତ ଦିନ ହିଁ ସେଠାକୁ ଆସି ଭାଷଣ ଦେଇଥାନ୍ତି। ପରବର୍ତ୍ତୀ କାଳରେ ଏହାକୁ ଭୂଲି ଯାଆନ୍ତି ବୋଲି ଯୁବସେନା ପକ୍ଷରୁ କୁହାଯାଇଛି।



କୃତୀ ଛାତ୍ରୀଛାତ୍ରଙ୍କୁ ସମ୍ମାନିତ କରାଯାଉଛି।

■ପରିବେଶ, ଖଣିଜ ସମ୍ପଦ ସଚେତନତା କାର୍ଯ୍ୟକ୍ରମ

## ଡିପିଏସ୍ ଛାତ୍ରୀଛାତ୍ର ରାଜ୍ୟସ୍ତରକୁ ମନୋନୀତ

ଦାମନଯୋଡ଼ି, ୨୦।୧୧ (ଡି.ଏନ୍.ଏ.)

ସୋସାଇଟି ଅଫ୍ ଜିଓ ସାଇଣ୍ଟିଷ୍ଟ ଏଣ୍ଡ ଆଲାଏଡ୍ ଟେକ୍ନୋଲୋଜିଷ୍ଟ (ଏସ୍‌ଜିଏଟି), ଭୁବନେଶ୍ୱର ଏବଂ ନାଲ୍‌କୋର ମିଳିତ ଆନୁକୂଲ୍ୟରେ ପ୍ରାନ୍ତସ୍ତରୀୟ ପରିବେଶ ଓ ଖଣିଜ ସମ୍ପଦ ସଚେତନତା କାର୍ଯ୍ୟକ୍ରମ ସ୍ଥାନୀୟ ପଞ୍ଚପଟ୍ଟମାଳୀ ମାଇନ୍ସ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ କୋରାପୁଟର ୧୩ଟି ବିଦ୍ୟାଳୟର ନବମ ଶ୍ରେଣୀ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ହୋଇଥିବା ବିଭିନ୍ନ ପ୍ରତିଯୋଗିତାରେ ସ୍ଥାନୀୟ ଦିଲ୍ଲୀ ପବ୍ଲିକ ସ୍କୁଲର ନବମ ଶ୍ରେଣୀ ଛାତ୍ରୀ ପ୍ରକ୍ରୀତି ପଟ୍ଟନାୟକ ଏବଂ ଛାତ୍ର ଅମିତ କୁମାର ବେହେରା ପ୍ରଥମ ହୋଇ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବାକୁ ମନୋନିତ ହୋଇଛନ୍ତି। ପ୍ରକ୍ରୀତି କୁଇଜ୍‌ରେ ଯୁଗ୍ମ ପ୍ରଥମ, ଲିଖିତ ପରୀକ୍ଷାରେ ଦ୍ୱିତୀୟ, ଖଣିଜ ପଥର ଚିହ୍ନଟ ଓ ବକ୍ତୃତା ପ୍ରତିଯୋଗିତାରେ ତୃତୀୟ ହୋଇଥିବାବେଳେ ଅମିତ କୁଇଜ୍‌ରେ ଯୁଗ୍ମ ପ୍ରଥମ, ଲିଖିତ ପରୀକ୍ଷାରେ ପ୍ରଥମ, ଖଣିଜ ପଥର ଚିହ୍ନଟରେ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। କାର୍ଯ୍ୟକ୍ରମରେ ନାଲ୍‌କୋ ଇ.ଡି. ଇଂ. ଦିଲୀପ କୁମାର ମହାନ୍ତି, ଏସ୍‌ଜିଏଟି ପ୍ରତିଷ୍ଠାତା ଏବଂ ଉପଦେଷ୍ଟା ବି.କେ. ମହାନ୍ତି ଏବଂ ନାଲ୍‌କୋର ବିଭିନ୍ନ ବିଭାଗର ମହାପ୍ରବନ୍ଧକ ଯଥା ରାଜୀବ ମିଶ୍ର, ସରାନନ୍ ଚୌଧୁରୀ, ଅରୁଣ କୁମାର ଦାସ, ରବିଶଙ୍କର ଦାଶ, ପି.କେ. ଷଡ଼ଙ୍ଗୀ ତଥା ସିଆଇଏସ୍‌ଏଫ୍‌ର ମୁଖ୍ୟ ସୁରକ୍ଷା ଅଧିକାରୀ ଡୋଭଲ୍ ଉପସ୍ଥିତ ଥିଲେ। ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ଶତୀନ୍ଦ୍ର ନାଥ ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଡିପିଏସ୍‌କୁ ଏହି ସଫଳତା ମିଳିଛି। ଅଧ୍ୟକ୍ଷା ଦୀପାନ୍ୱିତ ଦାସ, ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ, ଶିକ୍ଷକ ଓ ଅଭିଭାବକମାନେ କୃତୀ ପ୍ରତିଯୋଗୀ ଏବଂ ଶିକ୍ଷକଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ବିଭିନ୍ନ ସମସ୍ୟା ସମାଧାନ ଦାବିରେ ଶୋଭାଯାତ୍ରା

କୋରାପୁଟ/ନାରାୟଣପାଟଣା, ୨୦।୧୧(ସ୍ୱ.ପ୍ର/ଡି.ଏନ୍.ଏ.)

ସ୍ଥାନୀୟ ଅଞ୍ଚଳର ବିଭିନ୍ନ ସମସ୍ୟା ନେଇ କୋରାପୁଟ ଜିଲା ନାରାୟଣପାଟଣାବାସୀ ଶୋଭାଯାତ୍ରାରେ ଯାଇ ଜିଲାପାଳଙ୍କ ଉଦ୍ଦେଶ୍ୟରେ ତହସିଲଦାରଙ୍କୁ ୧୦ ଦଫା ଦାବି ସମ୍ବଳିତ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ନାରାୟଣପାଟଣା ଭାରତୀୟ ଷ୍ଟେଟ ବ୍ୟାଙ୍କ ଶାଖାରେ ଟଙ୍କା ଉଠାଇବାରେ ବିଳମ୍ବ, ଆଧାର ପଞ୍ଜୀକରଣ କରିବାରେ ବିଳମ୍ବ ନେଇ ଦାବିପତ୍ରରେ ଉଲ୍ଲେଖ ରହିଛି। ଏଠାରେ ଆଉ ଏକ ଜାତୀୟକରଣ ବ୍ୟାଙ୍କର ଆବଶ୍ୟକତା, ବିଏସ୍‌ଏନ୍‌ଏଲ୍ ସେବାରେ ହେଉଥିବା ସମସ୍ୟା ସମାଧାନ, ନାରାୟଣପାଟଣା ବ୍ଲକରେ ଜିଓ ନେଟୱାର୍କ ବ୍ୟବସ୍ଥା, ରାସ୍ତା, ଟ୍ରାଫିକ ସମସ୍ୟା, ପାନୀୟ ଜଳ ସମସ୍ୟା ସମାଧାନ, ବିଦ୍ୟୁତ ସେବା, ତଳଗୁମାଣ୍ଡି ପଞ୍ଚାୟତରେ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର କରିବାକୁ ଦାବିପତ୍ରରେ ଉଲ୍ଲେଖ ରହିଛି। ଦୟାନିଧି ପ୍ରଧାନ, କେ. ସାଇରାଜୁ, ରମେଶ ଚନ୍ଦ୍ର ଦାସଙ୍କ ନେତୃତ୍ୱରେ ଶୋଭାଯାତ୍ରା ବାହାରିଥିଲା।



ଶୋଭଯାତ୍ରାରେ ବାହାରିଥିବା ନାରାୟଣପାଟଣାବାସୀ।

## ଶିଶୁ କେନ୍ଦ୍ରକୁ ଗଲେ ଅନାଥ ନାବାଳକ

ଜୟପୁର, ୨୦।୧୧(ଡି.ଏନ.ଏ)

ବୈପାରୀଗୁଡ଼ା ବ୍ଲକ ମହୁଲି ଗ୍ରାମ ପଞ୍ଚାୟତର ଗୌଡଗୁଡା ଅନାଥ ନାବାଳକ ପୂର୍ଣ୍ଣ ଗୌଡଙ୍କୁ ଶିଶୁ ମଙ୍ଗଳ କମିଟି ପକ୍ଷରୁ କୋରାପୁଟଠାରେ କମିଟି ଅଧ୍ୟକ୍ଷା ଓ ସଦସ୍ୟମାନେ କାଉନସିଲିଂ କରିବା ପରେ ଉକ୍ତ ନାବାଳକଙ୍କୁ ଜୟପୁରସ୍ଥିତ ଗୋପବନ୍ଧୁ ଶିଶୁ କେନ୍ଦ୍ରରେ ଛଡ଼ାଯାଇଛି । କମିଟିର ସଦସ୍ୟ ରମେଶଚନ୍ଦ୍ର ରଥ, ଶିଶୁ କେନ୍ଦ୍ରର ଦାୟିତ୍ୱରେ ଥିବା କର୍ମଚାରୀ ଲତାମଣି ମହାପାତ୍ର, ସ୍ଥାନୀୟ ଅଭିଭାବକ ଭାବେ ରାମନାଥ ତ୍ରିପାଠୀ, ଗ୍ରାମବାସୀ କେଦାର ଦାଶ, ସଦା ଗୌଡ଼, ଗୋବିନ୍ଦ ଗୌଡ଼ଙ୍କ ଉପସ୍ଥିତିରେ ନାବାଳକକୁ ଛଡ଼ାଯାଇଛି ।

■ ନିଖିଳ ଭାରତ ସମବାୟ ସପ୍ତାହ ଉଦ୍‌ଯାପନୀ ଦିବସ

## କୋରାପୁଟ କେନ୍ଦ୍ର ସମବାୟ ବ୍ୟାଙ୍କ ସମ୍ମାନିତ

ଜୟପୁର, ୨୦।୧୧(ନି.ପ୍ର.)

ଲେମନ ଗ୍ରାସ ଚାଷୀଙ୍କୁ ପ୍ରୋତ୍ସାହିତ ଓ ଆର୍ଥିକ ଉନ୍ନତିରେ ସହାୟତା କରିଥିବା ଯୋଗୁ କୋରାପୁଟ କେନ୍ଦ୍ର ସମବାୟ ବ୍ୟାଙ୍କ ସମ୍ମାନିତ ହୋଇଛି। ବ୍ୟାଙ୍କର ସଭାନେତ୍ରୀ ଇନ୍ଦିରା ନନ୍ଦଙ୍କୁ ସମବାୟ ମନ୍ତ୍ରୀ ସୂର୍ଯ୍ୟ ନାରାୟଣ ପାତ୍ର ସମ୍ମାନିତ କରିଛନ୍ତି। ୬୫ତମ ନିଖିଳ ଭାରତ ସମବାୟ ସପ୍ତାହର ଉଦ୍‌ଯାପନି ଦିବସରେ ଭୁବନେଶ୍ୱର ଜୟଦେବ ଭବନରେ ଆୟୋଜିତ ସମାରୋହରେ ସମ୍ମାନିତ କରାଯାଇଛି। ସରକାରଙ୍କ ଦ୍ୱାରା ପ୍ରଣୟନ କରାଯାଇଥିବା ସମବାୟ ଆପଣଙ୍କ ଦ୍ୱାରରେ କାର୍ଯ୍ୟକ୍ରମର ସଫଳ ରୁପାୟନ ଅବିଭକ୍ତ କୋରାପୁଟ ଜିଲାରେ ହୋଇପାରିଛି। ଏହି ଉପଲକ୍ଷେ ଅବିଭକ୍ତ କୋରାପୁଟର ଜିଲାର ବୋରିଗୁମ୍ମା, ପୋଡାଗଡ, ମୁନିଗୁଡା, କୋଲନରା, କାଲିମେଳା ଓ ନନ୍ଦାହାଣ୍ଡି ଲ୍ୟାମ୍ପସକୁ ପୁରସ୍କୃତ କରାଯାଇଛି।



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

**ରାଜ୍ୟ ପରିବହନ ପ୍ରାଧିକାରୀଙ୍କ କାର୍ଯ୍ୟାଳୟ, ଓଡିଶା, କଟକ**

**ବସ୍ ମାଲିକଙ୍କ ପାଇଁ ବିଶେଷ ସୂଚନା**

**କଟକ /ଭୁବନେଶ୍ୱର (ବରମୁଣ୍ଡା) – ରସୁଲଗଡ – କଜ୍ଜଳା/ପିପିଲି / ପୁରୀ ମାର୍ଗରେ ଚୁଡାନ୍ତ ସୁବ୍ୟବସ୍ଥାକରଣ ସମୟ ସାରଣୀ (Final Rationalized Timing)**

ଏତଦ୍ୱାରା **କଟକ / ଭୁବନେଶ୍ୱର (ବରମୁଣ୍ଡା) – ରସୁଲଗଡ – କଜ୍ଜଳା / ପିପିଲି / ପୁରୀ ମାର୍ଗରେ** ଚଳାଚଳ କରୁଥିବା ସମସ୍ତ ଯାତ୍ରୀବାହୀ ଯାନର ମାଲିକମାନଙ୍କୁ ଜଣାଇ ଦିଆଯାଉଅଛି ଯେ, ଉକ୍ତ ମାର୍ଗରେ ଚୁଡାନ୍ତ / ପୂର୍ଣ୍ଣାଙ୍ଗ ସୁବ୍ୟବସ୍ଥାକରଣ ସମୟ ସାରଣୀ (Final Rationalized Timing) ତା ୨୦.୧୧.୨୦୧୮ ରିଖରୁ କାର୍ଯ୍ୟକାରୀ କରାଯିବା ପାଇଁ ସ୍ଥିରକରାଯାଇଥିଲା । କିନ୍ତୁ ଅନିର୍ବାଜ୍ୟ କାରଣବଶତଃ ଏହାକୁ ତା ୦୧.୧୨.୨୦୧୮ ରିଖକୁ ଲାଗୁକରାଯିବା ପାଇଁ ସ୍ଥିର କରାଗଲା । ଏତଦ୍ୱାରା ସମସ୍ତ ଯାତ୍ରୀବାହୀ ଯାନର ମାଲିକ ମାନଙ୍କୁ ସୂଚାଇ ଦିଆଯାଉଅଛି କି ସେମାନଙ୍କର ଯାତ୍ରୀବାହୀ ଯାନ ଗୁଡିକୁ ତା ୦୧.୧୨.୨୦୧୮ ରିଖଠାରୁ ଚୁଡାନ୍ତ / ପୂର୍ଣ୍ଣାଙ୍ଗ ସୁବ୍ୟବସ୍ଥାକରଣ ସମୟ ସାରଣୀ ଅନୁସାରେ ଚଳାଚଳ କରିବେ ।

**ପରିବହନ ଆୟୁକ୍ତ ତଥା ଅଧ୍ୟକ୍ଷ**
**ଓଡିଶା, କଟକ**





■ ବୋରିଗୁମ୍ମାକୁ ଏନ୍‌ଏସି ମାନ୍ୟତା ଦାବି

## ସରକାରଙ୍କୁ ପ୍ରସ୍ତାବ ଦିଆଯାଇନାହିଁ

ଜୟପୁର,୨୦।୧୧(ଡି.ଏନ.ଏ)

ବୋରିଗୁମ୍ମା ବ୍ଲକର ସଦର ମହକୁମାକୁ ଏନଏଏସି ଘୋଷଣା କରିବା ଦାବିରେ ବିଭିନ୍ନ ଦଳ ପକ୍ଷରୁ ବୋରିଗୁମ୍ମା ବନ୍ଦ ଡାକରା ଦିଆଯାଇଥିଲା । ଏଥିନେଇ ଜିଲାପ୍ରଶାସନ ପକ୍ଷରୁ ସରକାରଙ୍କୁ ଅବଗତ କରାଯିବ ବୋଲି ବାରମ୍ବାର କୁହାଯାଇଥିଲେ ସୁଦ୍ଧା ଏଯାଏ ସରକାରଙ୍କୁ ଜିଲାପ୍ରଶାସନ ପକ୍ଷରୁ କୌଣସି ପ୍ରସ୍ତାବ ଦିଆଯାଇନାହିଁ ବୋଲି ନଗର ଉନ୍ନୟନ ମନ୍ତ୍ରୀ ନିରଞ୍ଜନ ପୂଜାରୀ ବିଧାନସଭାରେ ମଙ୍ଗଳବାର ପ୍ରକାଶ କରିଛନ୍ତି। ଜୟପୁର ବିଧାୟକ ତାରା ପ୍ରସାଦ ବାହିନୀପତିଙ୍କ ପ୍ରଶ୍ନର ଉତ୍ତରେ ଏହା ପ୍ରକାଶ କରିଛନ୍ତି ।

## ଅବିଭକ୍ତ କୋରାପୁଟରେ ହେବ ୮ ସେଚ ପ୍ରକଳ୍ପ

ଜୟପୁର, ୨୦।୧୧ (ନି.ପ୍ର.)

ଅବିଭକ୍ତ କୋରାପୁଟ ଜିଲା ମାଲକାନଗିରି, କୋରାପୁଟ, ନବରଙ୍ଗପୁର ଏବଂ ରାୟଗଡ଼ା ଜିଲାଗୁଡ଼ିକରେ ଜଳସେଚନର ସଂଖ୍ୟାବୃଦ୍ଧି ନିମନ୍ତେ ଜଳସମ୍ପଦ ବିଭାଗର ପ୍ରଚେଷ୍ଟା ଜାରି ରହିଛି । ଏହି ଜିଲାମାନଙ୍କରେ ଜଳସେଚନର ଅଭିବୃଦ୍ଧି ନିମନ୍ତେ ବୃହତ୍ ଓ ମଧ୍ୟମ ଜଳସେଚନ ଅଧିନରେ ୮ ଗୋଟି ପ୍ରକଳ୍ପର ସର୍ଭେ ଓ ଅନୁସନ୍ଧାନ କାର୍ଯ୍ୟ ଚାଲୁରହିଛି ବୋଲି କଂଗ୍ରେସ ବିଧାୟକ ତାରାପ୍ରସାଦ ବାହିନୀପତିଙ୍କର ଏକ ପ୍ରଶ୍ନର ଉତ୍ତରରେ ଜଳସମ୍ପଦ ମନ୍ତ୍ରୀ ନିରଞ୍ଜନ ପୂଜାରୀ ପ୍ରକାଶ କରିଛନ୍ତି ।

## ଓଡ଼ିଆ ସାହିତ୍ୟକୁ ଭଞ୍ଜଙ୍କ ଅବଦାନ ଅନନ୍ୟ

ସେମିଳିଗୁଡ଼ା, ୨୦।୧୧(ସ୍ୱ.ପ୍ର.)

କୋରାପୁଟ ଜିଲା ସୁନାବେଡ଼ା ହାଲ୍ ସହରାଞ୍ଚଳସ୍ଥିତ ଉତ୍କଳ ସାଂସ୍କୃତିକ ପରିଷଦ ପକ୍ଷରୁ ଭଞ୍ଜ ଜୟନ୍ତୀ ପାଳିତ ହୋଇଛି। ପରିଷଦ ସଭାପତି ଶ୍ରୀକାନ୍ତ ମହାପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ସୁନାବେଡ଼ା ହାଲ୍ ଅତିରିକ୍ତ ମହାପ୍ରବନ୍ଧକ ନୀରୋଦ ଚନ୍ଦ୍ର ବେହେରା ମୁଖ୍ୟ ଅତିଥିଭାବେ ଯୋଗଦେଇ ଥିବାବେଳେ ଏରୋନଟିକ୍ ମହାବିଦ୍ୟାଳୟ ବରିଷ୍ଠ ଅଧ୍ୟାପକ ଅଶୋକ କୁମାର ତ୍ରିପାଠୀ ମୁଖ୍ୟ ବକ୍ତାଭାବେ ଯୋଗଦେଇ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ ଜୀବନୀ ଏବଂ ରଚନାବଳୀ ସମ୍ପର୍କରେ ଆଲୋଚନା କରିଥିଲେ। ଓଡ଼ିଆ ସାହିତ୍ୟକୁ ଭଞ୍ଜଙ୍କ ଅବଦାନ ଅନନ୍ୟ ଥିଲା ବୋଲି ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଏହି ଅବସରରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଛି। କୁନି ପିଲାଙ୍କ ସାଂସ୍କୃତିକ କାର୍ଯ୍ୟକ୍ରମ ଉପସ୍ଥିତ ଦର୍ଶକଙ୍କୁ ବିମୋହିତ କରିଥିଲା। ପରିଷଦ ଉପସଭାପତି ଶତ୍ରୁଞ୍ଜୟ ମିଶ୍ର ସ୍ୱାଗତ ଭାଷଣ ଦେଇଥିବା ବେଳେ ଦୀପକ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ। ବିକେ ରାୟ ଏବଂ ମନୋରଞ୍ଜନ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।







Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor-Tathagata Satpathy, ସମ୍ପାଦକ –ତଥାଗତ ସତପଥୀ

